## ସଂକ୍ଷେପରେ

### କାଳବୈଶାଖୀ: ଭାଙ୍ଗିଲା ଘର, ଉପୁଡ଼ିଲା ଗଛ

ଆନନ୍ଦପୁର/ଘସିପୁରା/ ଢେଙ୍କିକୋଟ/ ପାଟଣା, ୧୪।୬(ସ୍ୱ.ପ୍ର./ଡି.ଏନ୍.ଏ.)- କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପବନର ପ୍ରଭାବରେ ବହୁ ଲୋକଙ୍କ ଚାଳଛପର, ଆହବେଷ୍ଟସ୍ ଘର ଛପର ଉଡିଯାଇଥିବାବେଳେ ରାସ୍ତାରେ ବଡ଼ ବଡ଼ ଗଛ ପଡି ଯାନାବାହନ ଯାତାୟାତ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ତାର ଛିଡି ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି। ମଙ୍ଗଳପୁର ଗ୍ରାମର ଅକ୍ଷୟ ସାହୁ, କୁଳମଣି ବିହାରୀ, ଲୁଦୁ ସାହୁଙ୍କ ଘର କ୍ଷୟକ୍ଷତି ହୋଇଥିବାବେଳେ ବାଲିପାଳ ଗ୍ରାମର ପର୍ଶୁରାମ ଓଝା, ଜୟନ୍ତ ସେଠୀଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗିଯାଇଛି। ଆନନ୍ଦପୁରରେ ବିଜୁଳି ଘଡଘଡି ପ୍ରଭାବରେ ଏକ ନଡିଆଗଛରେ ଅଗ୍ନିକାଣ୍ଡ ଘଟିଥିବା ମଧ ଦେଖିବାକୁ ମିଳିଛି। ଢେଙ୍କିକୋଟ ବ୍ଲକରେ ବର୍ଷା ସାଙ୍ଗକୁ ପବନ ହେବାରୁ ଢେଙ୍କିକୋଟ ଗ୍ଲୋବାଲ ଏଣ୍ଟରପ୍ରାଇଜର୍ସର ଉପର ଛାତ ଉଡାଇ ନେଇଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ସେହିପରି ପାଟଣା ବ୍ଲକର କୋଠାଘର ଗ୍ରାମର କୁଅଁର ମାଝୀ, ଦାସ ମାଝୀଙ୍କ ଖପର ଘର ଛପର ସମ୍ପୂର୍ଣ୍ଣ ଉଡି ଯାଇଥିବା ବେଳେ ଡୁମୁରିଆ ଗ୍ରାମର ସତ୍ୟାନନ୍ଦ ପଲେଇଙ୍କ ଦୋକାନ ଘର ଆଜବେଷ୍ଟସ ଉଡି ଯାଇଛି। ପ୍ରଭାବିତଙ୍କ ଘରକୁ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ ଯାଇ ଅତ୍ୟାବଶକ ସାମଗ୍ରୀ ଯୋଗାଇ ଦେଇଥିବା ବେଳେ ରାଜସ୍ୱ ବିଭାଗ ତରଫରୁ ପ୍ରଭାବିତଙ୍କୁ ପଲିଥିନ ପ୍ରଦାନ କରାଯାଇଛି।

### ଯୁବକଙ୍କ ମୃତଦେହ ଜବତ

ଉଦଳା.୧୪।୬(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଉଦଳା ଥାନା ଚୁଲିଆପୋଷି କେନାଲ ରାସ୍ତାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କପ୍ତିପଦା ଥାନା ମହିଷାସୁରୀ ଗ୍ରାମର ମୋହନ ସୋରେନ୍। ସେ ଗୋରୁ ଜଗୁଆଳି ଭାବେ କାମ କରୁଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହୁକିଂ ମାମଲାରେ ୪ ଗିରଫ

କେନ୍ଦୁଝର, ୧୪।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ତାଳପଦା ଜଙ୍ଗଲରୁ ବନ ବିଭାଗ ସୋମବାର ରାତିରେ ପାଟ୍ରୋଲିଂ ସମୟରେ ହୁକିଂ ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଡା ଗ୍ରାମର ବୁଦ୍ଧଦେବ ମୁଣ୍ଡା, ଗୋବର୍ଦ୍ଧନ ମହାନ୍ତ, ଉମ୍ବରୁଧର ନାୟକ, ଗୁରୁଚରଣ ନାଏକ। ସେମାନଙ୍କଠାରୁ ଦୁଇଟି କୁରାଢି, ସାତ କିଲୋ ତାର, ଏକ ବୋତଲ ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଏମାନେ ଶିକାର ପାଇଁ ବୁଲୁଥିବା ପୋଲିସ କହିଛି।

### ଘର ଟାଇଲ ଭାଙ୍ଗି ଚୋରି

ପାଟଣା, ୧୪।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ମୁଖ୍ୟାଳୟ ବଜାରରେ ସୋମବାର ବିଳମ୍ବିତ ରାତିରେ ଅଶୋକ ସାହୁଙ୍କ ତେଜରାତି ଦୋକାନର ଟାଇଲ ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ୮ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ଦୋକାନ ମାଲିକ ଅଶୋକ ସାହୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାତ୍ରକାଳୀନପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ଲୁଟେରାଙ୍କୁ ଖୁବଶୀଘ୍ର ଧରିବା ପାଇଁ ସାଧାରଣରେ ଦାବି ହେଉଛି।

### କର୍କଟ ରୋଗ ନିରୂପଣ, ସଚେତନତା ଶିବିର

ଜଳେଶ୍ୱର, ୧୪।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଡେମୁରିଆଠାରେ ଗଣେଶ ଫାଉଣ୍ଡେସନ ଓ ପଣ୍ଡା କର୍କଟ ଡାକ୍ତରଖାନାର ମିଳିତ ସହଯୋଗରେ ଏକ କର୍କଟ ରୋଗ ନିରୂପଣ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଡେମୁରିଆ ହାଟପଦାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ଆଇନଜୀବୀ ପତିତ ପାବନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଗଣେଶ ଫାଉଣ୍ଡେସନର ସଭାପତି ରାଧାକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥିଭାବେ ବରିଷ୍ଠ କର୍କଟ ବିଶେଷଜ୍ଞ ଡା. ରଣଜିତ୍ କର ଯୋଗଦେଇ ୪୧ଜଣ ରୋଗୀଙ୍କର ପରୀକ୍ଷା ନିରୀକ୍ଷା ସହିତ ସଚେତନତାର ବାର୍ତ୍ତା ଦେଇଥିଲେ । ଫାଉଣ୍ଡେସନର ଉପଦେଷ୍ଟା ଝରଣାରାଣୀ ପ୍ରଧାନ, ରଶ୍ମିତା ପ୍ରଧାନ, ତପନ ସେନାପତି, ରଜନୀକାନ୍ତ ଦଳାଇ, ଦିଲ୍ଲିପ ପ୍ରମାଣିକ, ବାପୁନ ମହାନ୍ତି, ସବିତା କୁମାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୋତି ହେଉଛି ନଦୀ, ନାଳ

## ସାମାନ୍ୟ ବର୍ଷାରେ ଘରେ ପଶୁଛି ଉଦ୍‌ବୃତ୍ତ ଜଳ

ବାରିପଦା ଅଫିସ,୧୪।୬

ମୟୂରଭଞ୍ଜ ଜିଲା ବାରିପଦା ସହର ମଧ୍ୟରେ ଥିବା ନଦୀ,ନାଳଗୁଡ଼ିକରେ କୁଢ କୁଢ ଆବର୍ଜନାକୁ ନେଇ ସହରବାସୀ ପ୍ରମାଦ ଗଣିବା ଆରମ୍ଭ କଲେଣି। ଏହି ସହର ପାଇଁ ପ୍ରଣିତ ମାଷ୍ଟର ପ୍ଲାନ ଅନୁଯାୟୀ ନିର୍ମିତ ନାଳ, ମହାନାଳ ଓ ଜରାଳୀ, ସରାଳୀ ଓ ଶୁକଯୋଡ଼ା ନଦୀ ପୋତି ଗଲାଣି। ଦୀର୍ଘ ୮ବର୍ଷ ଧରି ଦଳ ସଫେଇ, ପଙ୍କ ଉଦ୍ଧାର ଏବଂ ଜବରଦଖଲ ଉଚ୍ଛେଦ ନ ହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ ହୋଇ ପଡ଼ିଲାଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ମହାନାଳ ଓ ନଦୀ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୁତିଗନ୍ଧମୟ ସ୍ଥିତି ସୃଷ୍ଟି କରୁଛି। ବର୍ଷା ଓ ଉଦ୍‌ବୃତ୍ତ ବନ୍ୟାଜଳରେ ବାରିପଦା ସହର ଉବୁଟୁବୁ ହେଉଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସବୁଜ ସୁନ୍ଦର ବାରିପଦା ସହର ଗଠନ ଏବେ ବାସ୍ତବତାଠାରୁ ଦୂରେଇ ଯାଉଛି।

ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ ବାରିପଦା ସହର ମଧ୍ୟଦେଇ ଜରାଳୀ, ସରାଳୀ ଓ ଶୁକଯୋଡ଼ା ନଦୀ ପ୍ରବାହିତ ହେଉଛି। ଏହା ସହିତ ବାରିପଦା ମ୍ୟୁନିସିପାଲଟି ଦ୍ୱାରା ନିର୍ମାଣ



ଅନାବନା ଗଛ ଓ ଆବର୍ଜନାରେ ପୋତି ହୋଇ ପଡ଼ିଥିବା ନାଳ।

କରାଯାଇଥିବା ନାଳ ଓ ମହାନାଳ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ମ୍ୟୁନସିପାଲିଟିର ୨୮ଟି ୱାର୍ଡରୁ ନିଷ୍କାସିତ ଦୂଷିତ ଜଳ, ବର୍ଷାଜଳ ସମସ୍ତ ଡ୍ରେନରେ ଯାଇ ନଦୀ, ନାଳରେ ମିଶୁଛି। ସହରର ଉତ୍ତର ପାର୍ଶ୍ୱ ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ଅପରପାର୍ଶ୍ୱରୁ ୪ଟି ମହାନାଳ ଓ ନଦୀ ପ୍ରବାହିତ ହୋଇ ସହରର ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ବୁଢ଼ାବଳଙ୍ଗରେ ମିଶିଛନ୍ତି। ଫାଇଲିନ ବାତ୍ୟା ସମୟରେ ବୁଢ଼ାବଳଙ୍ଗର ବନ୍ୟା ଜଳ ଓଲଟା ଦିଗରେ ପ୍ରବାହିତ ହୋଇ ବ୍ୟାପକ କ୍ଷୟକ୍ଷତି କରିଥିଲା। ତେଣୁ ମାଷ୍ଟର ପ୍ଲାନ ଜରିଆରେ ସମସ୍ତ ନଦୀ ନାଳ ଶଯ୍ୟା ଖନନ ସହିତ ଗାର୍ଡୱାଲ, ପୋଲ, ପଥରପ୍ୟାକିଂ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତେବେ ନଦୀ ନାଳକୁ ପୋତି ଜମି ମାଫିଆମାନେ ପକ୍କାଘର ନିର୍ମାଣ କରି ବିକ୍ରି କରୁଥିବା ବେଳେ ଜବରଦଖଲ ଉଚ୍ଛେଦ ପ୍ରତି ପ୍ରଶାସନର ସ୍ଥାଣୁତା ପାଇଁ ନଦୀ,ନାଳ ଶଯ୍ୟା ସଙ୍କୁଚିତ ହୋଇପଡୁଛି। ଏପରିକି ନଦୀ ନାଳର ଉପମୁଣ୍ଡରୁ ବୋହି ଆସୁଥିବା ମାଟି,ବାଲିରେ ଶଯ୍ୟା ପୋତି ହୋଇ ପଡ଼ିବା ସହ ଗଛ ଉଠି ଜଳ ପ୍ରବାହରେ ବାଧକ ସାଜୁଛି। ଏନେଇ ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତ ସହିତ ଟେଣ୍ଡର ପ୍ରକ୍ରିୟା କରାଯାଉ ନ ଥିବାରୁ ଖନନ ଓ ସଫେଇ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ଯାହାଫଳରେ ସାମାନ୍ୟ ବର୍ଷାରେ ସ୍ଥିତି ବେହାଲ ହୋଇ ପଡୁଥିବା ୧୭ନଂ. ୱାର୍ଡବାସୀ ଦୀନେଶ ନାଏକ, ପାର୍ବତୀ ମହାନ୍ତ ଓ ସୃଷ୍ଟିଧର ପାତ୍ର ପ୍ରକାଶ କରିଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନ ସଫେଇ କାର୍ଯ୍ୟ ମନ୍ଥର ଗତିରେ ହେଉଥିବା ବେଳେ ମହାନାଳ ଓ ନଦୀ ଗୁଡ଼ିକ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବାରୁ ତାହା ସମ୍ଭବ ହେଉ ନାହିଁ। ଡ୍ରେନ ସଫେଇ ହେଉ ନ ଥିବାରୁ ଉଦ୍‌ବୃତ୍ତ ଜଳ ଘରେ ପଶୁଛି। ଚଳିତ ବର୍ଷ ଏଭଳି ସମସ୍ୟା ଉପୁଜିଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ମ୍ୟୁନିସିପାଲିଟି ପକ୍ଷରୁ ଏକ ୨୦ଜଣିଆ ଟିମ ଗଠନ କରାଯାଇ ସହରର ମୁଖ୍ୟ ନାଳରେ ଜମି ରହିଥିବା ଆବର୍ଜନା ସଫା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ସହର ମଧ୍ୟରେ ଥିବା ନଦୀ ନାଳ ପରିଷ୍କାର ପରିଚ୍ଛନ୍ନ କରିବାକୁ ମ୍ୟୁନସିପାଲିଟି ପକ୍ଷରୁ କ୍ଷୁଦ୍ର ଜଳସେଚନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।ଅନାବନା ଗଛ ଓ ଆବର୍ଜନାରେ ପୋତି ହୋଇ ପଡ଼ିଥିବା ନାଳ।

# ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ରୋଷେୟା ଗିରଫ

## ପାଣି ନ ପିଇବାରୁ ଛାତ୍ରଙ୍କୁ ମାଡ଼ ମାରି ଆଣ୍ଠେଇ ଦେବା ଅଭିଯୋଗ

ସାରସକଣା,୧୪।୬(ଡି.ଏନ.ଏ.)

ଖାଇ ସାରି ପାଣି ନ ପିଇବାରୁ ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ପୁରୁଣାପାଣି ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ମାଡ଼ମାରି ଆଣ୍ଠେଇ ଦେବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହଷ୍ଟେଲ ସୁପରିଣ୍ଟେଣ୍ଡ ଝାଡ଼ଖଣ୍ଡ ସିଂହଭୂମ ଜିଲା ଅଞ୍ଚଳର କୃପାସିନ୍ଧୁ କମିଳା ଏବଂ ରୋଷେୟା ସୁକଲାଲ ଟୁଡୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୩୨/୨୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଭୂରୁଷାଣି ପଞ୍ଚାୟତ ଅଧୀନ ପୁରୁଣାପାଣି ଗ୍ରାମର ଜଣେ ୭ ବର୍ଷର ଛାତ୍ର ବିଦ୍ୟାଳୟ ଛାତ୍ରାବାସରେ ରହି ପଢୁଥିଲେ। ଗତ ୫ତାରିଖଠାରୁ ସ୍କୁଲ ଛୁଟି ଘୋଷଣା ହେବାପରେ ସେ ତାଙ୍କ ଅଜାଙ୍କ ସହିତ ଘରକୁ ଆସିଥିଲେ। ଘରକୁ ଫେରିବା ପରେ ଉକ୍ତ ଛାତ୍ରଙ୍କ ପିଠିରେ ମାଡ଼ ଚିହ୍ନ ଥିବା ଓ ଆଣ୍ଠୁରେ ଖଣ୍ଡିଆ ହେବା କାରଣରୁ ଘା' ହୋଇ ପୂଜ ବାହାରୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ପଚାରିବାରୁ ଛାତ୍ର ଜଣକ ହଷ୍ଟେଲରେ ତାଙ୍କୁ କିଭଳି ମାଡ଼ ମରାଯାଇଥିଲା ତାହା କହିଥିଲେ। ଛାତ୍ରଙ୍କ କହିବା ମୁତାବକ ଭାତ ଖାଇସାରି ପାଣି ନ ପିଇବାରୁ ରୋଷେୟା ସୁକୁଲାଲ ଓ ହଷ୍ଟେଲ ସୁପରିଣ୍ଟେଣ୍ଡ କମିଳା ତାଙ୍କୁ ମାଡ଼ କାରି ଖରାରେ ଆଣ୍ଠେଇ ଦେଇଥିଲେ। ଏ ସଂକ୍ରାନ୍ତରେ ଛାତ୍ରଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଚଳାଇ ସୁପରିଣ୍ଟେଣ୍ଡ ଓ ରୋଷେୟାଙ୍କୁ ଗିରଫ କରିଛି।

# ରୀତିନୀତିରେ ସରିଲା ଦେବସ୍ନାନ ପୂର୍ଣ୍ଣିମା

ଚମ୍ପୁଆ/ଢେଙ୍କିକୋଟ, ୧୪।୬(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଓ ଢେଙ୍କିକୋଟରେ ଦେବସ୍ନାନ ପୂର୍ଣ୍ଣିମା ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆରେ ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଏହି ସ୍ନାନ ପୂର୍ଣ୍ଣିମାରେ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯିବା ସହ ପୂଜକ ବିପିନ ମିଶ୍ର, ଧ୍ରୁବ ଚରଣ ମିଶ୍ର, ଚମ୍ପକେଶ୍ୱର ମିଶ୍ର ଓ ସତ୍ୟନାରାୟଣ ମିଶ୍ରଙ୍କ ଦ୍ୱାରା ଦିନ ସାଢ଼େ ୯ଟାରେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ସଙ୍କଳ୍ପରେ ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସ୍ନାନ ବେଦୀକୁ ନିଆଯାଇ ରୀତି ଅନୁସାରେ ବିଭିନ୍ନ ସୁବାଷିତ ଜଳରେ ସ୍ନାନ କରାଯାଇଥିଲା। ଏଥିରେ ମନ୍ଦିର କମିଟି ପକ୍ଷରୁ ଧିରେନ ଦାସ, ଭରତ ଚଉଡା, ସତ୍ୟବାନ କର, ସୁଶାନ୍ତ ମହାନ୍ତ ସମେତ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଢେଙ୍କିକୋଟ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପର୍ବ ଯଥା ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। କମିଟି ର ପୁରୋଧା ତଥା ସଂକଳ୍ପଧାରୀ ରାମଚନ୍ଦ୍ର ସାହୁ, ନୀଳମଣୀ ମଣ୍ଡଳ, ଇଂ ସୁଭାଶିଷ ମଣ୍ଡଳ, ଅଭିମନ୍ୟୁ ପଲେଇ. ସଂକଳ୍ପ ରେ ବସି ପୂଜା କରିଥିଲେ । ଶ୍ରଦ୍ଧାଳୁ ଭକ୍ତ ମହାପ୍ରଭୁ ଙ୍କ ସ୍ନାନ ଉତ୍ସବ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ପୂଜକ କଳାକାର ପଣ୍ଡା ଙ୍କ ଦ୍ୱାରା ମହାପ୍ରଭୁ ଙ୍କ ହାତୀ ବେଶ କରାଯାଇ ଭକ୍ତ ଙ୍କୁ ଦର୍ଶନ ଦେଇଥିଲେ।

# ରଜପର୍ବ ଉପଲକ୍ଷେ ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁପାଟ



ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁପାଟ।

ନୀଳଗିରି, ୧୪।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରିରୁ ୫ କି.ମି. ଦୂର ସଜନାଗଡ଼ଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜ ପର୍ବ ଉପଲକ୍ଷେ ମଙ୍ଗଳବାର ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଯାଇଛି।

ମା'ଙ୍କ ପୀଠରେ ରଜ ସଂକ୍ରାନ୍ତି ଉପଲକ୍ଷେ ପ୍ରଥମ ଦିନ ନିଆଁପାଟ ଓ ପରଦିନ ମଧ୍ୟରାତ୍ରିରେ ଉଡ଼ାପର୍ବ ପାଳିତ ହେଇଥାଏ। ଶହ ଶହ ଭକ୍ତଙ୍କର ଉପସ୍ଥିତିରେ ଏହି ପର୍ବ ପାଳନ କରାଯାଉଥିବା ବେଳେ ଗତ ଦୁଇବର୍ଷ ହେବ କୋଭିଡ କଟକଣା ପାଇଁ ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଗତ ୯ତାରିଖରୁ ଅର୍ଦ୍ଧନାଗେଶ୍ୱର

### ମଧ୍ୟରାତ୍ରିରେ ଉଡ଼ାପର୍ବ

ମୂର୍ତ୍ତିକୁ ପୂଜା କରାଯାଇ ତାର ପରଦିନଠାରୁ ଗଡ଼ବାସୁଲି ଦାସି, ପାଟଭକ୍ତା, ଦେଶଭକ୍ତା ସଜନାଗଡ଼ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ନିଆଁପାଟ ଓ ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ସୋମବାର ମଧ୍ୟରାତ୍ରିରେ ଭକ୍ତମାନେ ସଜନାଗଡ ଚଣ୍ଡୀ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶାଘଟ ବିଧିଶେଷ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଭକ୍ତାମାନେ ଚଣ୍ଡୀ ପୋଖରୀରେ ଗାଧୋଇ ମା'ଙ୍କ ଦର୍ଶନ ସାରିବା ପରେ ଆରମ୍ଭ ହୋଇଥିଲା ନିଆଁପାଟ। ମା' ଭୂଧାରଚଣ୍ଡୀଙ୍କ ସାମ୍ନା ପଡ଼ିଆରେ ଦେଢ଼ଫୁଟ ଓସାର ଓ ୮ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳାଯାଇ କୋଇଲାରେ ନିଆଁ ଲଗାଯାଇଥିଲା। ଏହି ନିଆଁ ପାଟରେ ୩୦ରୁ ଊର୍ଦ୍ଧ୍ୱ ଭକ୍ତାମାନେ ମା'ଙ୍କ ନାମ ଧରି ଅଗ୍ନି ଉପରେ ଚାଲିଥିଲେ। ଏଥିରେ ସହଯୋଗ କରିଥିଲେ ମନ୍ଦିର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା, ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଭକ୍ତାମାନେ। ଏହି ନିଆଁପାଟ ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଏକାଠି ହେଇଥିଲେ। ସେହିପରି ବୁଧବାର ମଧ୍ୟରାତିରେ ଅନୁଷ୍ଠିତ ହେବ ଉଡ଼ା ପର୍ବ। ଏହି ଉଡ଼ାପର୍ବ ପାଇଁ ନୀଳଗିରି ତଥା ପାଖ ମୟୂରଭଞ୍ଜ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥାଏ।

# ନୃତ୍ୟଶିଖା ଫାଉଣ୍ଡେଶନର କଳା ସମ୍ମାନ ଉତ୍ସବ

ଜଳେଶ୍ୱର, ୧୪।୬(ଡି.ଏନ୍.ଏ.)

ଦୁଇଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱର ସହରର ବାସନ୍ତୀ ପଡିଆଠାରେ ନୃତ୍ୟଶିଖା ଫାଉଣ୍ଡେଶନ ପକ୍ଷରୁ ୬ଷ୍ଠ କଳା ସମ୍ମାନ ୨୦୨୨ ଓ ଡ୍ୟାନ୍ସ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି । ଶନିବାର ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ସୁଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ଅମୟ କୁମାର ଦାସ ସଭାପତିତ୍ୱ କରି ଓଡିଶାର ନୃତ୍ୟକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପକାରାଗାର ଅଧକ୍ଷା ଅନୁସୂୟା ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ଲେଲିନ୍ ପ୍ରଧାନ ଓ ଶିକ୍ଷାବିତ୍ ପ୍ରାଣକୃଷ୍ଣ ଗିରି ଯୋଗଦେଇ ଦୀର୍ଘ ୬ବର୍ଷ ଧରି ଏହି ଅନୁଷ୍ଠାନ ଜଳେଶ୍ୱର ଓ ଦାନ୍ତୁନ ଅଞ୍ଚଳରେ ବହୁ କଳାକାର ସୃଷ୍ଟି କରିଥିବା କହିଥିଲେ। ରବିବାର ୨ୟ ସନ୍ଧ୍ୟାରେ ସୁଶାନ୍ତ କୁମାର ବେହେରା ପୌରୋହିତ୍ୟ କରିଥିଲେ। ଆଇଆଇସି ରୋଜାଲିନ୍ ବେହେରା ମୁଖ୍ୟଅତିଥି ଓ ଯୁବନେତା ରାଜାଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥି ଭାବେ ଇଂ. ରତ୍ନାକର ଦାସ ଓ ପାର୍ଥସାରଥି ଦାସ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜରେ କୁନି କୁନି ପିଲାଙ୍କଠାରେ କଳା ପ୍ରତିଭା ଅଧିକ ଦେଖାଯାଉଥିବା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ୬୦କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସଂସ୍କୃତି ବିଭାଗ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ ସୋନପୁରର ଶଙ୍କର ବେହେରା ଓ ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଦେଖି ଦର୍ଶକ ଝୁମିଥିଲେ ।

# ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ବୁଲି ଦେଖିଲେ ୭ ବ୍ଲକ ଅଧିକାରୀ



ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପକୁ ଦେଖୁଛନ୍ତି।

ବାସୁଦେବପୁର, ୧୪।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ପଞ୍ଚାୟତର ସୋମବାର କେକେଜିପି ହାଇସ୍କୁଲ ଚାନ୍ଦିମାଳ ପରିସରରେ ବାସୁଦେବପୁର ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପକୁ ୭ ବ୍ଲକର ଅଧିକାରୀ ବୁଲି ଦେଖିଛନ୍ତି। ଏବେ ଜିଲାର ୬ଟି ବ୍ଲକ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଏହି ପ୍ରକଳ୍ପର ଆବଶ୍ୟକତା ଗୁରୁତ୍ୱ ସମ୍ପର୍କରେ ଅବଗତ ହେବା ସହିତ ନିଜ ନିଜ ବ୍ଲକରେ ଏହି ପ୍ରକଳ୍ପକୁ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଜିଲାର ଧାମନଗର, ତିହିଡ଼ି, ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ, ଚାନ୍ଦବାଲି ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କ ଉପସ୍ଥିତିରେ ଏହି ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପକୁ ବୁଲି ଦେଖିବା ସହିତ ଏହି ପ୍ରକଳ୍ପର ଗୁରୁତ୍ୱ ବୁଝିଛନ୍ତି। ମାତ୍ର ୨୨ ଫୁଟ ଲମ୍ବ ଓ ୨୧ ଫୁଟ ଓସାର ଜାଗା ମଧ୍ୟରେ ନିର୍ମିତ ଏହି ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପର ମୂଲ୍ୟ ମାତ୍ର ୬୦ ହଜାର ଟଙ୍କା ହୋଇଥିବା ବେଳେ ବଳକା ବର୍ଷାଜଳ ନଷ୍ଟ ନ ହୋଇ ସଂରକ୍ଷଣ କରାଯାଇ ପାରିବ। ଏହା ଆଗାମୀ ପିଢ଼ିକୁ ଜଳସଙ୍କଟ ଜନିତ ସମସ୍ୟାରୁ ରକ୍ଷା କରିପାରିବ। ଏହି ପ୍ରକଳ୍ପକୁ ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନାୟକଙ୍କ ସମେତ ବାସୁଦେବପୁର ବିଡିଓ ସତ୍ୟଜିତ ରାଉତ, ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାଶ, ବନ୍ତ ବିଡିଓ ଶୁଭଦର୍ଶନ ମିଶ୍ର, ତିହିଡ଼ି ବିଡିଓ ବସନ୍ତ ସାହାଣୀ, ଧାମନଗର ବିଡିଓ ଦୁର୍ଗାଚରଣ ମୁର୍ମୁ, ଭଦ୍ରକ ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ ସେନାପତି, ବାସୁଦେବପୁର ବ୍ଲକ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧିରାୟ, ଯନ୍ତ୍ରୀ ପ୍ରଶାନ୍ତ ସ, ସାନକୃଷ୍ଣପୁର ସରପଞ୍ଚ ସସ୍ମିତା ନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ ୬ଟି ବ୍ଲକର ଯନ୍ତ୍ରୀ ଓ ଅଧିକାରୀ ମାନେ ଉପସ୍ଥିତ ରହି ଏହି ପ୍ରକଳ୍ପକୁ ବୁଲି ଦେଖିଥିଲେ। ଏ ସମ୍ପର୍କରେ ସନ୍ଧ୍ୟାରେ ପିଡି ବାସୁଦେବପୁର ବ୍ଲକରେ ଏକ ସମୀକ୍ଷା ବୈଠକ କରିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାସୁଦେବପୁର,୧୪।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଚ୍ଛଦା ଗ୍ରାମସ୍ଥିତ ଏକ ଗଛରୁ ମଙ୍ଗଳବାର ବାସୁଦେବପୁର ପୋଲିସ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତକ ହେଲେ ନୂଆଗାଁ ପଞ୍ଚାୟତର ଉହାଡ଼ ଗ୍ରାମର ରତିକାନ୍ତ ନାୟକ। ତାଙ୍କର ମୃତ୍ୟୁକୁ ନେଇ

### ହତ୍ୟା ଅଭିଯୋଗ, ୭ ଜଣଙ୍କ ନାଁରେ ମାମଲା

ସନ୍ଦେହ ଦେଖାଦେବା ସହିତ ବଚ୍ଛଦା ଅଞ୍ଚଳର କେତେକ ବ୍ୟକ୍ତି ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଛନ୍ତି ବୋଲି ରତିକାନ୍ତଙ୍କର ବାପା ନାରାୟଣ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୭ଜଣଙ୍କ ନାମରେ ମାମଲା (ନଂ.୨୫୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ମୃତ ରତିକାନ୍ତ କାହିଁକି ଓ କିପରି ବଚ୍ଛଦା ଗ୍ରାମକୁ ଆସିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସନ୍ଦେହରେ ଥିବା କେତେକ ବ୍ୟକ୍ତି ଫେରାର ହୋଇଯିବା ମଧ୍ୟ ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି।

# ଧରଣୀଧରକୁ ହରାଇ ବାସନ୍ତୀ କ୍ଲବ ଚାମ୍ପିୟନ

ଯୋଡ଼ା, ୧୪।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳପିଆ ଠାରେ ଦ୍ୱିତୀୟ ନଦିଆ ଆଣ୍ଡ ବୈରାଗୀ ନାଏକ ମେମୋରିଆଲ ଫ୍ଲଡ ଲାଇଟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ସରିଛି। ଏହି ଟୁର୍ନାମେଣ୍ଟିରେ ଓଡ଼ିଶା ଓ ଝାଡଖଣ୍ଡ ଅଞ୍ଚଳର ୨୪ଟି ଦଳ ଭାଗନେଇଥିବା ବେଳେ ଚଳିତ ମାସ ୬ ତାରିଖରୁ ଏହା ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହୋଇଥିଲା। ଟୁର୍ନାମେଣ୍ଟର ଫାଇନାଲରେ ମା' ବାସନ୍ତି ୟୁଥ କ୍ଲବ ସହିତ ଧରଣୀଧର ୟୁଥ କ୍ଲବ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଟସ୍ ଜିଣି ପ୍ରଥମେ ମା' ବାସନ୍ତି ୟୁଥ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୪୨ରନ୍‌ରେ ବିଜୟ ଲକ୍ଷ୍ୟ ରଖିଥିବା ବେଳେ ଧରଣୀଧର ୟୁଥ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ମାତ୍ର ୭୫ ରନ କରିବାରେ ସକ୍ଷମ ହୋଇଥିଲା। ଫଳରେ ମା' ବାସନ୍ତୀ ୟୁଥ କ୍ଲବକୁ ବିଜୟ ଘୋଷଣା କରାଯିବା ସହ ୫୦ହଜାର ଟଙ୍କା ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଉପବିଜେତା ଦଳକୁ ୩୫ ହଜାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମା' ବାସନ୍ତି ୟୁଥ କ୍ଲବର ଅମିତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ଉତ୍କୃଷ୍ଟ ବ୍ୟାଟିଂ କରିଥିବା ପଙ୍କୁ ପରିଡାଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ ମୁଖ୍ୟ ସରୋଜ କୁମାର ବାନାର୍ଜୀ, ସମ୍ମାନିତ ଅତିଥି ଭାବେ ଏଫଏପି ମୁଖ୍ୟ ସର୍ବେଶ୍ୱର ନାଏକ, ଯୋଡା ପୌର ଉପନଗରପାଳ ସନ୍ଧ୍ୟା ପାତ୍ର, ଯୋଡା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟକୁ ଧରଣୀଧର ଯୁବକ ସଂଘ ଆୟୋଜନ କରିଥିବା ବେଳେ ଏହି କ୍ଲବର ସଭାପତି ରୁନା ନାଏକ ଏବଂ ସମ୍ପାଦକ ସୁଶାନ୍ତ ନାଏକଙ୍କ ସହ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।

# ଆଜିଠୁ ସମୁଦ୍ରମୁହାଁ ଟ୍ରଲର

ଭୋଗରାଇ, ୧୪।୬(ଡି.ଏନ.ଏ.)

- ହଟିଲା ନିଷେଧାଦେଶ
- ୫ଟି ନୂତନ ମତ୍ସ୍ୟ ଅବତରଣ କେନ୍ଦ୍ର ହେବ
- ଲାଇଫ ଜ୍ୟାକେଟ୍, ବିପଦ ସଙ୍କେତ ଯନ୍ତ୍ର ଦାବି

ମଙ୍ଗଳବାରଠାରୁ ସମୁଦ୍ରରୁ ନିଷେଧାଦେଶ ହଟିଛି। ବୁଧବାରରୁ ସମୁଦ୍ରମୁହାଁ ହୋଇଛି ସହସ୍ରାଧିକ ମାଛଧରା ଟ୍ରଲର ଓ ଡଙ୍ଗା। ଏଥିପାଇଁ ବାଲେଶ୍ୱର ଉପକୂଳ ସମେତ ଓଡ଼ିଶାର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ମତ୍ସ୍ୟ ଅବତରଣ କେନ୍ଦ୍ର ଚଳଚଞ୍ଚଳ ହୋଇଛି।

ଗତ ଏପ୍ରିଲ ୧୫ ତାରିଖଠାରୁ ଜୁନ୍ ୧୫ପର୍ଯ୍ୟନ୍ତ ସମୁଦ୍ର ଗର୍ଭରେ ମାଛର ଯାଆଁଳା ଓ ଅଲିଭରିଡ୍‌ଲେ କଇଁଛର ଅଣ୍ଡାଦାନ ଯୋଗୁ ଦୁଇମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। ଏହି ଦୁଇମାସ ମଧ୍ୟରେ ମତ୍ସ୍ୟଜୀବୀଙ୍କ ପରିବାର ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଥିବା ବେଳେ ସରକାରୀ ନିର୍ଦ୍ଦେଶନାମା ହଟିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯିବା ପୂର୍ବରୁ ତାଙ୍କ ଡଙ୍ଗା ଓ ଟ୍ରଲରକୁ ପୂଜାର୍ଚ୍ଚନା କରିବା ସହ ଗଙ୍ଗାଦେବୀଙ୍କ ଉଦ୍ଦେଶ୍ୟରେ ଆରାଧନା କରି ଗଭୀର ସମୁଦ୍ରକୁ ଅନୁକୂଳ ପାଇଁ ଶୁଭ ବେଳାରେ ବାହାରିଛନ୍ତି।

ଅପରପକ୍ଷରେ ବାଲେଶ୍ୱର ଜିଲାରେ ସରକାରୀ ପରିସଂଖ୍ୟାନୁଯାୟୀ ୩୭ହଜାର ୩୩୮ ଜଣ ମତ୍ସ୍ୟଜୀବୀ ପରିବାର ୨ଲକ୍ଷ ୨୬ହଜାର ୫୬ ଜଣ ମତ୍ସ୍ୟଜୀବୀ ରହିଥିବା ବେଳେ ଭୋଗରାଇ ବ୍ଲକରେ ୧୦୧ଟି ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ରହିଥିବା ସରକାରୀ ରିପୋର୍ଟରେ ଦେଖାଯାଇଛି। ଜିଲାରେ ଉଦୟପୁର ତାଳସାରୀ, କୀର୍ତ୍ତନିଆ, ଚୌମୁଖ, କଙ୍କଡ଼ାପାଳ, ଡଗରା, ହଂସକରା, ବାହାବଳପୁର, ବଳରାମଗଡ଼ି, ଜାମୁଳା, ମଶାଳି, ଗୋଦେଇ ସାଗର, ପଞ୍ଚୁବସା, ଚାନ୍ଦିପୁର ପ୍ରମୁଖ ସମୁଦ୍ର ମୁହାଣରେ ମତ୍ସ୍ୟ ଅବତରଣ କେନ୍ଦ୍ର ରହିଥିବା ବେଳେ ନୂତନ ଭାବେ ୫ଟି ସ୍ଥାନରେ ଜେଟି ନିର୍ମାଣ ହେବାର ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମସ୍ତ ସ୍ଥାନର ମତ୍ସ୍ୟଜୀବୀଙ୍କ ନିମନ୍ତେ ଜୀବନ ସୁରକ୍ଷା ନିମନ୍ତେ ଲାଇଫ୍ ଜାକେଟ୍, ବିପଦସଙ୍କେତ ଯନ୍ତ୍ର ଆଦି ସରକାର ଗରିବ ମତ୍ସ୍ୟଜୀବୀଙ୍କୁ ବିନା ମୂଲ୍ୟରେ ଯୋଗାଇ ଦେବାକୁ ଦାବି ହୋଇଛି। ତାଳସାରୀ ସମୁଦ୍ରକୂଳ ମତ୍ସ୍ୟ ଅବତରଣ କେନ୍ଦ୍ର ସମ୍ମୁଖରେ ୫ଟି ଛୋଟବଡ଼ ବାଲି ଚଡ଼ ହୋଇ ମୁହାଣ ପୋତି ହୋଇଯାଇଥିବାରୁ ମାଛଧରା ଡଙ୍ଗା ଚଳାଚଳ ବାଧାପ୍ରାପ୍ତ ହୋଇଥିବା ତାଳସାରୀ ଗଙ୍ଗାମାତା ମେରାଇନ୍ ଫିସାରମ୍ୟାନ୍ ସୋସାଇଟି ସମ୍ପାଦକ ପୁଣ୍ଡରୀକାକ୍ଷ ଲାୟା ପ୍ରକାଶ କରିଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକର ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ ଜେନା ମତ୍ସ୍ୟଜୀବୀମାନଙ୍କୁ ଜୀବନ ସୁରକ୍ଷା ନିମନ୍ତେ ସରକାରୀ ନିୟମ ଓ ନିର୍ଦ୍ଦେଶାବଳୀ ମାନି ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ସମୁଦ୍ରକୂଳରେ ମଧ୍ୟ ନିଷେଧାଦେଶ ହଟାଇ ଦିଆଯାଇଥିବାର ସୂଚନା ମିଳିଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ରୂପସା, ୧୪।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଦଣ୍ଡିକା ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ ଯୁବକ ହେଲେ ଏହି ଥାନା ଅଧୀନ ଦାଣ୍ଡି ଗ୍ରାମର ଜଗଦୀଶ ଦାସ। ବାଲେଶ୍ୱରରୁ ବସ୍ତା ଅଭିମୁଖେ ବାଇକ ଯୋଗେ ଦୁହେଁ ଘରକୁ ଫେରୁଥିଲେ। ଦଣ୍ଡିକା ପୋଲ ଉପରେ କୌଣସି ଅଜଣା ଗାଡ଼ି ଧକ୍କାରେ ବାଇକ୍‌ରୁ ଖସି ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ ଲୋକେ ଥାନାକୁ ଖବର ଦେବା ସହ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସିତ ଅବସ୍ଥାରେ ଜଗଦିଶ ଚନ୍ଦ୍ର ଦାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଦାସ ଗୁରୁତର ଥିବା ଜଣାପଡ଼ିଛି। ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଜଳେଶ୍ୱର, ୧୪।୬(ଡି.ଏନ.ଏ):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜିତ କୁମାର ବେହେରା ପଦୋନ୍ନତି ପାଇ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗକୁ ଯାଇଛନ୍ତି। ଏନେଇ ମହାବିଦ୍ୟାଳୟ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଅଧ୍ୟାପିକା ଉଷାରାଣୀ ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଜ୍ୟୋତ୍ସ୍ନା ଘୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ତ୍ତବ୍ୟନିଷ୍ଠା, ଅଧ୍ୟବସାୟ, ଏକାଗ୍ରତା, ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଫଳରେ ଜଣେ ଶିକ୍ଷାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରେ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଶ୍ରୀବଣ କୁମାର ନାଥ ଯୋଗଦେଇ ବିଦାୟୀ ଅଧ୍ୟାପକ ବେହେରାଙ୍କ କର୍ମଦକ୍ଷତା, ଶିକ୍ଷାଦାନ ପଦ୍ଧତି ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅଧିକ ଉତ୍ସାହିତ ହେବା ସହିତ ସଂସ୍କାରି ହୋଇପାରିଥିବା କହିଥିଲେ। ଛାତ୍ରୀ ସୁମନ ସାହୁ ଅତିଥି ପରିଚୟ ପ୍ରଦାନ ଥିବା ବେଳେ ଅଧ୍ୟାପକ ନିରଞ୍ଜନ ପରିଡା, ବ୍ରିଜେଶ ସେନାପତି, ନିଶ୍ଚଳ ଘଡେଇ, ଇପ୍‌ସିତା ଦାସ, ଚାରୁ ଚପଳା ଦାସ ପ୍ରମୁଖ ଅଧ୍ୟାପକ ବେହେରାଙ୍କ ଅତୀତ ଦିନ ସ୍ମୃତି ଚାରଣ କରିଥିଲେ। ଚନ୍ଦନ ମହାନ୍ତି, ଫଗୁ ଟୁଡୁ, କବିତା ଦାସ, ଶୁଭସ୍ମିତା ସାହୁ, ସୁନେହେରା ଖାତୁନ ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଶାଖି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋକା ସାର୍‌ଙ୍କୁ ଝୁରୁଛନ୍ତି ଜୀବଜନ୍ତୁ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୪।୬**

କେନ୍ଦୁଝର ଜିଲା ଆନନ୍ଦପୁର ସହରର ସୁବାଷ ଚନ୍ଦ୍ର ସିଂ ଏକ ପରିଚିତ ନାମ । ସମସ୍ତେ ତାଙ୍କୁ ଖୋକା ସାର ବୋଲି କୁହନ୍ତି। ଯେତେ ବେଳେ କାହା ଘରେ ବିଷାକ୍ତ ସାପ ବାହାରେ ସେତେବେଳେ ତାଙ୍କୁ ଖୋଜା ପଡ଼େ। ତେବେ ଆଉ ତାଙ୍କୁ ଖୋଜିଲେ ମିଳିବେ ନାହିଁ ।ଶନିବାର ତାଙ୍କର ଦେହାନ୍ତ ହୋଇଯାଇଛି । କିନ୍ତୁ ସେ ଛାଡ଼ିଯାଇଛନ୍ତି ବହୁ ଅଭୂଲା ସ୍ମୃତି। ଯଦିଓ ଶିକ୍ଷକତା ଥିଲା ତାଙ୍କର ପେଷା ତେବେ ଜୀବଜନ୍ତୁଙ୍କ ପ୍ରତି ଅନାବିଳ ପ୍ରେମ ଭଳି ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଆଜି ସବୁଠି ପରିଚିତ କରିଛି। ଅବସର ପରେ ମଧ୍ୟ ସେ ଶେଷ ଜୀବନ ଯାଏ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ କାମ କରୁଥିଲେ। ବହୁ ଆଗରୁ ତାଙ୍କର ଥିଲା ଏକ ମିନି ଚିଡ଼ିଆ ଖାନା । ବହୁ ସଂଖ୍ୟାରେ ଜୀବଜନ୍ତୁ, ପକ୍ଷୀ, ସରିସୃପଙ୍କୁ ସାଇତି ରଖୁଥିଲେ। ସେସବୁ ଦେଖିବାକୁ ଛୋଟରୁ ବଡ ସମସ୍ତେ ତାଙ୍କ ଘରକୁ ଧାଉଁଥିଲେ । ବିନା ସହାୟତାରେ ନିଜର ଦରମାରୁ ପରିବାର ଚଳାଇବା ସହ ଜୀବଜନ୍ତୁଙ୍କ ସେବା କରୁଥିଲେ।

ବଣଜଙ୍ଗଲରୁ ଧରି ଆଣି କ୍ଷତ ବିକ୍ଷତ ଅବସ୍ଥାରେ ହେଉ ବା କାହା ଘରୁ ଉଦ୍ଧାର


ବନ୍ୟପ୍ରାଣୀଙ୍କ ସହ ଖୋକା ସାର୍।

କରି ଆଣି ସେବା ଶୁଶ୍ରୁଷା କରି ରଖୁଥିଲେ। ତେବେ ସମୟକ୍ରମେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଯୋଗୁ ସେସବୁକୁ ତାଙ୍କୁ ଛାଡ଼ିବାକୁ ପଡିଲା। ଯେଉଁ ବୟସରେ ବିଶ୍ରାମ ନେବା କଥା ଓ ନାତିନାତୁଣିଙ୍କ ସହ ଖେଳିବା କଥା ସେହ ବୟସରେ ବିପଦପୂର୍ଣ୍ଣ ଥିଲେ ହେଁ ବନ୍ୟଜନ୍ତୁ ଓ ସରୀସୃପଙ୍କ ସୁରକ୍ଷା କରିବାରେ ଲାଗିଥିଲେ। ସାପ କାହାରି କ୍ଷତି କରେ ନାହିଁ। ଏଣୁ ତାଙ୍କୁ ମାର ନାହିଁ ବୋଲି ସେ କହୁଥିଲେ। ଏଣୁ ବିଶେଷ କରି ଘର ଅଫିସ ଗୁଡ଼ିକରେ ବିଷଧର ସାପ ବାହାରିଲେ ତାଙ୍କୁ ଡକରା ହୋଇଥାଏ ଏବଂ ସେ ଉଦ୍ଧାର କରି ସୁରକ୍ଷିତ ଭାବେ ବଣଜଙ୍ଗଲରେ ଛାଡିଥାନ୍ତି । ଏଣୁ ତାଙ୍କ ସମସ୍ତେ ସର୍ପ ମଣିଷ ବୋଲି କୁହନ୍ତି। ସେମାନେ କାମୁଡି ନ ଥାନ୍ତି। ସେମାନେ ଭୟରେ ପ୍ରତିଆକ୍ରମଣ କରିଥାନ୍ତି। କିନ୍ତୁ ଲୋକେ ଭୟଭୀତ ହୋଇ ମାରିଦିଅନ୍ତି। ଏଣୁ ସମସ୍ତଙ୍କୁ ସେସବୁର ସୁରକ୍ଷାର ବାର୍ତ୍ତା ଦେଇଥାନ୍ତି । ସେହିପରି ଅନେକ ସାପ ସହିତ ବିରାଟକାୟ ଅଜଗର ସାପ ଦେଖିବାକୁ ମଧ୍ୟ ଭିଡ ଜମୁଥିଲା । ଅଜଗର ସାପ କୁ ଧରି କୁନି ବୟସ ରେ ତାଙ୍କ ନାତି ଙ୍କ ଖେଳ ସେସମୟରେ ସମସ୍ତ ଙ୍କୁ ବିମୋହିତ କରିଥିଲା।

ଖୋକା ସାରଙ୍କ ଜନ୍ମ ୧୯୩୪ ମସିହା ଜୁନ୍, ୨୯ ତାରିଖରେ ହୋଇଥିଲା। ମା’ ଥିଲେ ଇନ୍ଦୁବାଳା ସିଂହ ଓ ବାପା ଗୋପାଳ ରାମ ସିଂହ। ପିଲାଦିନରୁ ଜୀବଜନ୍ତୁଙ୍କ ପ୍ରତି ସ୍ନେହ ଓ ଦୟା ମନୋଭାବ ତାଙ୍କୁ ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ପରିବେଶ ସୁରକ୍ଷା ପାଇଁ ୨୦୧୩ ମସିହାରେ ସମ୍ମାନଜନକ ବିଜୁ ପଟ୍ଟନାୟକ ପୁରସ୍କାର ପାଇଥିଲେ। ସେହିପରି ରାଜ୍ୟସ୍ତରରେ ୨୦୧୫ ମସିହାରେ ତାଙ୍କୁ ମିଳିଥିଲା ପରିବେଶବିତ ପୁରସ୍କାର। ସେ ଜୀବଜନ୍ତୁଙ୍କ ସୁରକ୍ଷା ସହିତ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ସଚେତନ କରୁଥିଲେ। ସାପ କମୁଡିଲେ ଗୁଣିଗାରେଡ଼ି ନ କରି ମେଡିକାଲ ଯିବାକୁ ପରାମର୍ଶ ଦେଉଥିଲେ। ରାଜ୍ୟର ବିଭିନ୍ନ ସଂଗଠନ ଓ ସଂସ୍ଥା ପକ୍ଷରୁ ବହୁ ସମ୍ମାନ ପୁରସ୍କାର ପାଇଥିଲେ। ୧୯୯୧ ମସିହାରେ ରାଜ୍ୟପାଳ ପୁରସ୍କାର ଓ ୧୯୯୨ରେ ରାଷ୍ଟ୍ରପତି ପୁରସ୍କାର ଥିବା ତାଙ୍କର ସବୁଠାରୁ ବଡ ଉପଲବ୍ଧି ବୋଲି କୁହାଯାଏ । ସେ ଆଜି ନାହାଁନ୍ତି କିନ୍ତୁ ତାଙ୍କର ବିରଳ କୃତିତ୍ୱ, ଜୀବଜନ୍ତୁ ଙ୍କ ସହିତ ବିରଳ ଫଟୋ ତାଙ୍କୁ ଚିରଦିନ ପାଇଁ ମନେ ରଖିବ ।

# ଚୋରା ଲୁହା ବୋଝେଇ ଭ୍ୟାନ୍ ଜବତ

**ରୂପସା, ୧୪।୬ (ଡି.ଏନ.ଏ.)**

ବାଲେଶ୍ୱର ୬୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଲାଗିଥିବା ଲୁହା ପ୍ଲେଟ ଓ ଲୁହା ଷ୍ଟାଣ୍ଡ ସବୁ ଚୋରି କରି ବିକ୍ରି ପାଇଁ ଚାଲାଣ ହେଉଥିବା ବେଳେ ବସ୍ତା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ବାଲେଶ୍ୱର ମିର୍ଜାପୋଖରୀ ଅଞ୍ଚଳର ସରଫୁଦ୍ଦିନ ସାହା (୩୫)। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରିରଖିଛି।

ରାଜପଥ ପାର୍ଶ୍ୱରେ ଲାଗିଥିବା ଲୁହାପ୍ଲେଟ ଏବଂ ଖମ୍ବ ସବୁ ନିୟମିତ ଚୋରି ହେଉଥିବା ସମ୍ପର୍କରେ ରାଜପଥ କର୍ତ୍ତୃପକ୍ଷ ଥାନାରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ସୋମବାର ବସ୍ତା ଥାନା

**ଜଣେ ଅଭିଯୁକ୍ତ ଗିରଫ**

ବାହାର୍ଦ୍ଦାସ୍ଥିତ କବାଡ଼ିଆ ଗୋଦାମରେ ଏକ ପିକଅପ୍ ଭ୍ୟାନ୍‌ରେ ୪୦ପିସ୍ ପ୍ଲେଟ ଏବଂ ଖମ୍ବ ସବୁ ଲୋଡ୍ ହେଉଥିବା ଖବରପାଇ ପୋଲିସ ପକ୍ଷରୁ ଚଢ଼ାଉ ହୋଇଥିଲା। ଲୁହା ବୋଝେଇ ଭ୍ୟାନ୍‌କୁ ଜବତ କରିବା ସହ ଗୋଦାମ ମାଲିକ ସରଫୁଦ୍ଦିନ ସାହାଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ଛାନଭିନ୍ ଆରମ୍ଭ କରିଛି। ଥାନା ନିକଟରେ ଦୀର୍ଘ ଦିନ ଧରି ଚାଲୁଥିବା ଏହି କବାଡ଼ିଆ ଦୋକାନକୁ କିଏ ସୁରକ୍ଷା ଦେଉଥିଲା ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

# କୁକୁଡ଼ା ବୋଝେଇ ଭ୍ୟାନ୍‌ରୁ ଲୁଟ

**ରୂପସା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦାରୋଡ ଫାଣ୍ଡି ଅଞ୍ଚଳରେ ସୋମବାର ରାତିରେ ଏକ କୁକୁଡ଼ା ବୋଝେଇ ଭ୍ୟାନ୍‌ରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଭ୍ୟାନ୍‌ର ଡ୍ରାଇଭର ଓ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ କରି ୪୦ ହଜାର ଟଙ୍କା ସହ ମୋବାଇଲ ଲୁଟ୍ କରିଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଜଳେଶ୍ୱର-ବାରିପଦା ରାସ୍ତାର ଅମର୍ଦ୍ଦା ରେଳଷ୍ଟେଶନ ସମ୍ମୁଖରେ ବିଳମ୍ବିତ ରାତିରେ ୭ରୁ ୮ ଜଣ ଯୁବକ ଏହି ଭ୍ୟାନ୍‌କୁ ଅଟକାଇଥିଲେ।

**ଡ୍ରାଇଭର, ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ**

ଡ୍ରାଇଭର ପାଖରେ ଥିବା ୪୦ ହଜାର ଟଙ୍କା, ମୋବାଇଲ ନେଇଯିବା ସହିତ ଡ୍ରାଇଭର ଓ ହେଲପରଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଏନେଇ ମଙ୍ଗଳବାର ଡ୍ରାଇଭର ସଂଘ ପୋଲିସ୍‌ର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଆହତ ହେଲପର ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଟକ ଯୁବକ ଦେଇଥିବା ବୟାନ ମୁତାବକ କିଛି ନିର୍ବାଚିତ ପ୍ରତିନିଧିଙ୍କ ସମ୍ପର୍କୀୟ ଓ ଶାସକ ଦଳର ଆଗଧାଡ଼ିର ଯୁବ ନେତା ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି।

# ୧୬ରେ ବାଲେଶ୍ୱର ବନ୍ଦକୁ ଏବିଭିପିର ସମର୍ଥନ


ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ସମ୍ମୁଖରେ ଦାବିପତ୍ର ସହ ଏବିଭିପିର ସଦସ୍ୟଗଣ।

**ବାଲେଶ୍ୱର ଅଫିସ, ୧୪।୬**

ବାଲେଶ୍ୱର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆସନ୍ତା ୧୬ ତାରିଖ ଡାକରା ଦିଆଯାଇଛି। ବନ୍ଦକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥନ ଜଣାଇ ମଙ୍ଗଳବାର ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଉଦୟଭାନୁ ମିଶ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରାସ୍ତାରେ ଯିବା ଆସିବା କରୁଥିବା ବିଦ୍ୟାର୍ଥୀ ଓ ଜନସାଧାରଣଙ୍କ ପାଖରୁ ମୋବାଇଲ ଓ ବ୍ୟାଗ୍ ଆଦି ଦୁର୍ବୃତ୍ତମାନେ ଛିନ୍‌ତାଇ କରି ପଳାଇ ଯାଉଥିବା ବେଳେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ସହରର ବିଭିନ୍ନ ସ୍ଥାନରେ ଅଚଳ ହୋଇପଡ଼ିଥିବା ଫାଣ୍ଡିଗୁଡ଼ିକୁ ଖୋଲାଯିବା, ସର୍ବୋପରି ଫକୀରମୋହନ ମହାବିଦ୍ୟାଳୟ ପରିସରରେ ଥିବା ଫାଣ୍ଡି ତୁରନ୍ତ ଖୋଲିବାକୁ ପରିଷଦ ଦାବି କରିଛି। ପ୍ରତିନିଧି ଦଳରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ବିଭାଗ ସହ ପ୍ରମୁଖ ଲକ୍ଷ୍ମୀନାରାୟଣ ନାୟକ, ପ୍ରାନ୍ତ କାର୍ଯ୍ୟକାରୀ ସଦସ୍ୟ ରଜତ କୁମାର ପାତ୍ର, ଜିଲା ପ୍ରମୁଖ ପ୍ରତ୍ୟୁଷ କୁମାର ବେହେରା, ସ୍ମୃତିରଞ୍ଜନ ବେହେରା, ଜୟନ୍ତ କୁମାର ପ୍ରଧାନ, ଦେବାଶିଷ ବ୍ରହ୍ମଚାରୀ, ରାଜେନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ନାୟକ, ଅସୀମ ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

**ବାଲେଶ୍ୱର ଅଫିସ,୧୪।୬**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଦର୍ଜି ପୋଖରୀ ଛକ ନିକଟସ୍ଥ ନବ କୁମାର ମହାଲିକଙ୍କ ଘର ପଛ ନାଳରୁ ମଙ୍ଗଳବାର ଏକ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ ହୋଇଛି। ଏହାକୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସହଦେବଖୁଣ୍ଟା ପୋଲିସ ପହଞ୍ଚି ମୃତଦେହକୁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ମୃତଦେହ ୨/୩ଦିନ ପୂର୍ବରୁ ସେଠାରେ ପଡ଼ିଥିବା ଜଣାପଡ଼ିଛି। ହତ୍ୟା ସନ୍ଦେହ କରାଯାଉଥିଲେ ମଧ୍ୟ ନିକଟସ୍ଥ ପାଚେରୀ କଡ଼ ନାଳରେ ପଡ଼ିଥିବାରୁ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଉକ୍ତ ପାଚେରି ଉପରକୁ ଉଠି ତଳକୁ ଖସିପଡ଼ିଥିବା ପୋଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଏହା ହତ୍ୟା ନା ଦୁର୍ଘଟଣା ଏହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସହରରେ ବିଭିନ୍ନ ସମୟରେ ଘଟୁଥିବା ଅପରାଧ ସମ୍ପର୍କରେ ପୋଲିସ ଟେର ପାରୁ ନ ଥିବା ବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

# ସ୍ନାନପୂର୍ଣ୍ଣିମାରେ ଭକ୍ତ ଭାବବିହ୍ୱଳ

**ଆରଡି, ୧୪।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଓ ଚାନ୍ଦବାଲି ବ୍ଲକର ସୀମାବର୍ତ୍ତୀ ସ୍ଥାନରେ ନିର୍ମିତ ସାହୁସାହି-ସୁନ୍ଦରପୁର ମଠରେ ମଙ୍ଗଳବାର ସ୍ନାନ ପୂର୍ଣ୍ଣିମାରେ ଶହଶହ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ବାବା ରଘୁବର ଦାସଙ୍କ ପ୍ରତିଷ୍ଠିତ ଏହି ମଠରେ ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢ଼େ ୩ଟାରେ ତିନି ଠାକୁରଙ୍କୁ ସ୍ନାନବେଦୀକୁ ଅଣାଯାଇଥିଲା। ଗୋପାଳ ମାନଙ୍କ ଦ୍ୱାରା ବୈତରଣୀରୁ ୧୦୮ କଳସ ପାଣି ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ସଂକୀର୍ତ୍ତନରେ ସ୍ନାନପର୍ବ ସମ୍ପାଦନ କରାଯାଇଥିଲା। ଏଠାରେ ରୁଣ୍ଡିଭୂତ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଯାଇଥିଲେ। ପରେପରେ ବିଧି ମୁତାବକ ଅନ୍ୟାନ୍ୟ ପୂଜା ମଠର ସ୍ଥାୟୀ ପୂଜକ ବ୍ରଜକିଶୋର ପଣ୍ଡା, ବୀରକିଶୋରପଣ୍ଡା, ମହନି ଚରଣ ପଣ୍ଡାଙ୍କ ଦ୍ୱାରା ସମାପିତ ହୋଇଥିଲା। ସମସ୍ତ ପୂଜାକର୍ମ ଶ୍ୱେତାମ୍ବର ସାହୁ, ପିତବାସ ସାହୁ ନିମାଇଁ ସାହୁ, ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସହଯୋଗରେ ମଠରେ ସ୍ନାନ ପୂର୍ଣ୍ଣିମାର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ଠାକୁରମୁଣ୍ଡା, ମୋରଡ଼ାରେ କାଳବୈଶାଖୀ ତାଣ୍ଡବ


ଠାକୁରମୁଣ୍ଡା ଅଞ୍ଚଳର ଏକ ଘର ଉପରେ ଗଛ ଉପୁଡ଼ି ପଡ଼ିଛି।

**ଠାକୁରମୁଣ୍ଡା/ମୋରଡ଼ା, ୧୪।୬ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଓ ମୋରଡ଼ା ବ୍ଲକ ଅଞ୍ଚଳରେ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଠାକୁରମୁଣ୍ଡା ତହସିଲ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତ ଡଙ୍ଗାଡ଼ିହା ଗ୍ରାମ ବଳ ସାହି ଓ ଘୁଟୁ ସାହିର ବହୁ ଲୋକଙ୍କ ଘର ଭାଙ୍ଗି ଯାଇଛି। ବିଦ୍ୟୁତ ତାର ଉପରେ ଗଛ ପଡ଼ି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସେହିପରି ମୋରଡା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତରେ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷତି ଘଟିଛି। ଏହି ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବହୁ ଲୋକଙ୍କ ଘର ଛପର ଉଡ଼ି ଯାଇଛି। ବିଦ୍ୟୁତ ତାର ଛିଣ୍ଡିବା ସହ ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି।

# ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ବାରିପଦା ଅଫିସ,୧୪।୬**

**ଶିଶୁ ଶ୍ରମିକ ନିରୋଧୀ ସଚେତନତା କର୍ମଶାଳା**

ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ନିମନ୍ତେ ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ଜିଲା ଶ୍ରମ ଅଧିକାରୀ ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଶ୍ରମିକମାନଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ ସେଦିଗରେ ବିହୀତ ପଦକ୍ଷେପ ଗ୍ରହଣ ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଶିଶୁମାନଙ୍କୁ ନିଜ ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ କରୁଥିବା ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଡିଏସ୍‌ପି ସବିତା ମାଝୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟରୂପ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ଡିସିପିଓ ମମତାମୟୀ ବିଶ୍ୱାଳ, ଜିଲା ନିୟୋଜନ ଅଧିକାରୀ ଡ୍ୟାନିସ୍ ଜର୍ଜ ଲାକ୍ରା, ଡେପୁଟି ସିଇଓ ଓର୍‌ମାସ୍ ବିମାନ୍ ମାଲ୍, ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି, ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟା, ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ, ଚାଇଲ୍ଡ ଲାଇନ, ପ୍ଲାନ ଇଣ୍ଡିଆ, ସିୱାଇଏସ୍‌ଡି, ବିଭିନ୍ନ ଶିଳ୍ପ ସଂସ୍ଥାର ମାଲିକ ତଥା ଶ୍ରମିକ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ପୋଡ଼ିଗଲା ମୋବାଇଲ ଦୋକାନ

**ବାହାନଗା, ୧୪।୬ (ଡି.ଏନ.ଏ.)**

ସୋମବାର ବିଳମ୍ବିତ ରାତିରେ ବାଲେଶର ଜିଲା ବାହାନଗା ସଦର ମହକୁମା ବଜାରରେ ଥିବା ଏକ ମୋବାଇଲ ଦୋକାନରେ ବିଦ୍ୟୁତ୍ ସର୍ଟ୍‌ସର୍କିଟରେ ନିଆଁ ଲାଗି ପୋଡିଯାଇଛି। ବାହାନଗା ଷଠୀସ୍ଥିତ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପଥରପେଣ୍ଟ ଗ୍ରାମର ଧନଞ୍ଜୟ ସାହୁ ମୋବାଇଲ ଦୋକାନ ବାହାନଗା ବଜାରରେ ଥିଲା। ଅଗ୍ନିକାଣ୍ଡ ଘଟିବା ଫଳରେ ଲକ୍ଷାଧିକ ଟଙ୍କାର ମୋବାଇଲ ସମେତ ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ବୈଠକ


ବୈଠକରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ସଦସ୍ୟମାନେ।

**ଭଦ୍ରକ ଅଫିସ,୧୪।୬**

ଭଦ୍ରକ ବାଲଗୋପାଲ ମନ୍ଦିର ପରିସରରେ ରବିବାର ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ରଥଯାତ୍ରା ପାଇଁ ୯ ଦିନ ସରକାରୀ ଛୁଟି ଘୋଷଣା କରାଯିବା, ଶ୍ରୀକ୍ଷେତ୍ରକୁ ସମସ୍ତ ପ୍ରକାର ନିଶାମୁକ୍ତ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଓତଃପ୍ରୋତଃ ଭାବେ ଜଡ଼ିତ ଥିବା ମଠ ମନ୍ଦିରର ସଂରକ୍ଷଣ ଓ ସ୍କୁଲ, କଲେଜ ପାଠ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ସ୍ଥାନିତ ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମିତିର ଆବାହକ ସେବକ ଶରତ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହପରିଚାଳକ ପଣ୍ଡିତ ବିଷ୍ଣୁମୋହନ ପଣ୍ଡା, ସନେଇ ଶିଆଳ, ଶରତ ଚନ୍ଦ୍ର ମହାନ୍ତି, ସହ ଆବାହକ ବାବୁଲାଲ ଦାସ, ଡ. ପ୍ରତାପ କୁମାର ପଣ୍ଡା, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ।

# ‘ସାହିତ୍ୟିକଙ୍କ ଲକ୍ଷ୍ୟ ଏକ’

**ବାଲିଆପାଳ, ୧୪।୬ (ସ୍ୱ.ପ୍ର.)**

ଓଡ଼ିଆ ସାହିତ୍ୟରେ ଗୋଷ୍ଠୀବାଦ ପୂର୍ବରୁ ଥିଲା ଏବେ ମଧ୍ୟ ରହିଛି। ଭିନ୍ନ ଭିନ୍ନ ସାହିତ୍ୟିକ ଗୋଷ୍ଠୀ ମଧ୍ୟରେ ମତ ପାର୍ଥକ୍ୟ ଥିଲେ ବି ସମସ୍ତଙ୍କ ଲକ୍ଷ୍ୟ ଗୋଟିଏ। ଭାରତୀୟ ସଂସ୍କୃତିରେ ବିଭିନ୍ନତା ମଧ୍ୟରେ ଏକତା ଯେମିତି ସୁଦୃଢ଼ ସେମିତି ଜାତୀୟ ଏକତା ଓ ସଂସ୍କୃତିର ସଂରକ୍ଷଣ ଦିଗରେ ସମସ୍ତଙ୍କର ଗୋଟିଏ ମତ ବୋଲି ରବିବାର ଏସ୍‌କେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ପରିସରରେ ବାଲିଆପାଳର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୃଜନିକାର ୧୭ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ସୃଜନିକା ଆବାହକ ଅଧ୍ୟାପକ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ମୁଖ୍ୟ ଅତିଥି, ଖବରକାଗଜ ‘ଅପରାହ୍ନ’ର ସମ୍ପାଦକ ବଂଶୀଧର ଜେନା, ‘ସେଇଠୁ ଆରମ୍ଭ’ର ସମ୍ପାଦକ ଶୁଭେନ୍ଦୁ ଦାସ ବାରେଣ୍ୟ ବକ୍ତା, ବାଦୀପାଲା ଗାୟକ ମହେଶ୍ୱର ଘଡ଼ାଇ, ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ରାଜନେତା



ଅତିଥିମାନେ ମୁଖପତ୍ର ସୃଜନିକା ଉନ୍ମୋଚନ କରୁଛନ୍ତି।

**ସୃଜନିକାର ବାର୍ଷିକ ପ୍ରତିଷ୍ଠା ଉତ୍ସବ**

ବଳରାମ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ଥିଲେ। ଅତିଥି ମାନେ ଅନୁଷ୍ଠାନର ମୁଖପତ୍ର ସୃଜନିକା ଓ ଗୀତିକାର ରବୀନ୍ଦ୍ର ଦତ୍ତଙ୍କ ସୁନେଲି ବାର୍ତ୍ତାକୁ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୂର୍ବାହ୍ନ କବିତା ପାଠଚକ୍ର ଅଧିବେଶନକୁ ପୂର୍ବତନ ଡ଼ି ଆଇ ତଥା ସୁ ସାହିତ୍ୟିକ ସୁବାଷ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗୀ ବଂଶୀଧର ମିଶ୍ର ,ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗଦେଇ କବିତା ସମ୍ପର୍କରେ ଆଲୋଚନା କରିଥିଲେ। କବି ନଳିନୀକାନ୍ତ ପାଢ଼ୀ କବିତାଗୁଡିକୁ ସଂଯୋଜନା କରିଥିଲେ। ପୂର୍ବତନ ବ୍ୟାଙ୍କ ମ୍ୟାନେଜର ନବୀନ ପାତ୍ର, ଅଧ୍ୟାପକ କେଶବ ଦାସ, ଶମ୍ଭୁନାଥ ମାଝୀ, ବିଶ୍ୱ ରଞ୍ଜନ ରାଉତ, ସତ୍ୟ ସାଧନା ଗିରି, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେଶ ପାତ୍ର, ନିଗମ ଦାସ ଅଧିକାରୀ, ଆଇନ ଜୀବୀ ଅର୍ଦ୍ଧେନ୍ଦୁ ବାରିକ,ଅମରେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଷମା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

